# ୨୩ ମାର୍ଚ୍ଚରେ ଦିବଂଗତ ବିଠଲ୍ ମହାଦେବ ତାରକୁଣ୍ଡେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

## ନିର୍ବାଚନ ସଂସ୍କାରରେ ତାରକୁଣ୍ଡେ କମିଟିର ପ୍ରାସଙ୍ଗିକତା

### ଜୟପ୍ରକାଶ-ତାରକୁଣ୍ଡେ ଯୋଡି

୧୯୭୪ ରେ ଯେତେବେଳେ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦୀ ପ୍ରବଣତା ଦିନକୁ ଦିନ ବଢିଚାଲୁଥିଲା, ସେତେବେଳେ ଏହାର ପ୍ରତିରୋଧ ପାଇଁ ଜୟପ୍ରକାଶ ନାରାୟଣ ଓ ଭି.ଏମ୍.ତାରକୁଣ୍ଡେ ମିଶି 'ଗଣତନ୍ତ୍ର ପାଇଁ ନାଗରିକମଣ୍ଡଳୀ ବା Citizens for Democracy ନାମକ ଏକ ବୌଦ୍ଧିକ ମଞ୍ଚ ଗଢିଥିଲେ, ଯେଉଁଥିରେ ଜେପି ସଭାପତି ଓ ତାରକୁଣ୍ଡେ ସାଧାରଣ ସଂପାଦକ ଥିଲେ । ଜରୁରୀ ପରିସ୍ଥିତି ଜାରି ହେବାକ୍ଷଣି ଜେପି ଜେଲ୍ ଯାଇଥିଲେ, କିନ୍ତୁ ତାରକୁଣ୍ଡେ ବାହାରେ ରହି ଏହି ମଞ୍ଚ ଜରିଆରେ ଗଣତନ୍ତ୍ରର ପୁନରୁଦ୍ଧାର ପାଇଁ ଅଭିଯାନ ଜାରି ରଖିଥିଲେ । ଯେଉଁମାନେ ଜରୁରୀ ପରିସ୍ଥିତି ଯୋଗୁଁ ଜେଲ୍‌ରେ ଓ ବାହାରେ ବିଭିନ୍ନ ନିର୍ଯ୍ୟାତନାର ଶୀକାର ହେଲେ, ସେମାନଙ୍କର ଗଣତାନ୍ତ୍ରିକ ଓ ନାଗରିକ ଅଧିକାର ସପକ୍ଷରେ କୋର୍ଟକଚେରୀ ଓ ସମ୍ବାଦପତ୍ରରେ ଅଭିଯାନ ଚଳାଇ ରଖିବା ପାଇଁ ତାରକୁଣ୍ଡେ ୧୯୭୬ରେ ଗଢିଥିଲେ ପି.ୟୁ.ସି.ଏଲ୍. ଡି.ଆର୍. (People's Union for Civil Liberties and Democratic Rights) । ଜେପିଙ୍କୁ ଅଧ୍ୟକ୍ଷ ରଖି ସେ ନିଜେ ଥିଲେ ଏହାର କାର୍ଯ୍ୟକାରୀ ଅଧ୍ୟକ୍ଷ । ଏହି ଲେଖକ ସେତେବେଳେ ଅଣ୍ଡରଗ୍ରାଉଣ୍ଡରେ ଥିବା ସମୟରେ ଥରେ ଦିଲ୍ଲୀରେ ତାରକୁଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ସାମିଲ୍ ହେବାର ସୁଯୋଗ ଲାଭ କରିଥିଲା । ଏହା ପୂର୍ବରୁ ୧୯୭୪ରେ 'ଗଣତନ୍ତ୍ର ପାଇଁ ନାଗରିକମଣ୍ଡଳୀ' ତରଫରୁ ପୋଲିସ୍ ଗୁଳିରେ ନକ୍ସଲପନ୍ଥୀଙ୍କ ମୃତ୍ୟୁ ଉପରେ ଅନୁଧ୍ୟାନ ପାଇଁ ଗଢା ହୋଇଥିବା ନାଗରିକ ଅଧିକାର କମିଟି ( Civil Rights Committee)ର ତାରକୁଣ୍ଡେ ଥିଲେ ସଭ୍ୟ-ଆବାହକ । ସି.ଏଫ୍.ଡି. ଜନମଞ୍ଚର ବିବିଧ ଉଲ୍ଲେଖନୀୟ କାର୍ଯ୍ୟକଳାପ ଭିତରୁ ଗୋଟିଏ ଥିଲା ତାରକୁଣ୍ଡେଙ୍କ ଅଧ୍ୟକ୍ଷତାରେ ଗଠିତ ନିର୍ବାଚନ ସଂସ୍କାର କମିଟି (୧୯୭୫) । ଏହି କମିଟି କରିଥିବା ବିଶ୍ଳେଷଣ ଓ ସୁପାରିଶ୍ର ଯଥାର୍ଥତାକୁ ପରବର୍ତ୍ତୀ ସମୟରେ ନିର୍ବାଚନ ସଂସ୍କାରକୁ କେନ୍ଦ୍ରକରି ଗଢାଯାଇଥିବା ବିଭିନ୍ନ କମିଟି ଓ କମିଶନ୍ ସ୍ୱୀକାର କରିଥିଲେ ହେଁ, ସେଗୁଡିକ ଅଧ୍ୟାବଧି କେବଳ ସରକାରଙ୍କ ନାଲିଫିତା ଭିତରେ ଅଟକି ଯାଇଛି ।

### ଅଧପନ୍ତରିଆ ନିର୍ବାଚନ ସଂସ୍କାର

ନିକଟ ଅତୀତରେ ସୁପ୍ରିମ୍ କୋର୍ଟଙ୍କ ନର୍ଦ୍ଦେଶନାମାକୁ ଆଧାର କରି ପ୍ରାର୍ଥୀମାନଙ୍କ ଅପରାଧ, ସଂପତ୍ତି ତାଲିକା ଓ ବକେୟା ଦେୟ ଇତ୍ୟାଦିର ସୂଚନା-ପ୍ରକାଶ ବାଧ୍ୟତାମୂଳକ ବୋଲି ନିର୍ବାଚନ କମିଶନ୍‌ଙ୍କ ଘୋଷଣାନାମା ଇତିମଧ୍ୟରେ ଲାଗୁ ହୋଇସାରିଛି । ଏହାସତ୍ତ୍ୱେ ଚଳିତ ନିର୍ବାଚନ ପ୍ରକ୍ରିୟାରେ ଅପରାଧ, କଳାଧନ ଓ ବାହୁବଳର ପ୍ରକୋପ ପୁର୍ବବତ୍ ବଜାୟ ରହିବାର ଗଭୀର ଆଶଙ୍କା ଦେଖାଦେଇଛି । କାରଣ ଜଣେ ପ୍ରାର୍ଥୀ ଯେତେ ଜଘନ୍ୟ ଅପରାଧ କରିଥାନ୍ତୁ ନା କାହିଁକି, ବା ଯେତେ କଳାଧନ ଠୁଳ କରିଥାନ୍ତୁ ନା କାହିଁକି ବା ସରକାରଙ୍କ ପାଖରେ ତାଙ୍କର ଯେତେ ବକେୟା ଦେୟ ଥାଉନା କାହିଁକି, ସେ ମନୋନୟନ ପତ୍ର ଦାଖଲ ବେଳେ ନିର୍ଦ୍ଧାରିତ ଫର୍ମରେ ଆଫିଡେଭିଟ୍ କରି କେବଳ ଏସବୁ ଘୋଷଣା କରିଦେବା ହିଁ ଯଥେଷ୍ଟ । ଏହି ଆଫିଡେଭିଟ୍‌ର ସତ୍ୟତାକୁ ଜଣେ ସାଧାରଣ ଭୋଟର୍ ପ୍ରଶ୍ନ କରିପାରିବେ ନାହିଁ । କେବଳ ଆଉଜଣେ ପ୍ରାର୍ଥୀ ଚାହିଁଲେ ଏକ କାଉଣ୍ଟର-ଆଫିଡେଭିଟ୍ ଦାଖଲ କରିପାରିବେ । ନିର୍ବାଚନ ଅଧିକାରୀ ଉଭୟ ରକମର ଦଲିଲ୍‌କୁ କେବଳ ନୋଟିସ୍ ବୋର୍ଡରେ ଭୋଟର୍‌ମାନଙ୍କ ଅବଗତି ପାଇଁ ଲଗାଇଦେବେ । ଜଣେ ପ୍ରାର୍ଥୀଙ୍କ ଆପତ୍ତିଜନକ ଇତିବୃତ୍ତି ପାଇଁ ତାଙ୍କର ପ୍ରାର୍ଥୀପତ୍ର ନାକଚ ହେବାର ସମ୍ଭାବନା ନାହିଁ କି ସରକାରଙ୍କ ତରଫରୁ ଏସବୁ ବିଷୟରେ ଖୋଳତାଡ୍ ହେବାର ନାହିଁ । ରାତାରାତି ଜଣେ ଅପରାଧୀକୁ ଭଦ୍ରଲୋକ ବନେଇବା ତଥା କଳାଧନକୁ ଧଳାଧନରେ ପରିଣତ କରିବାର ଏହାଠାରୁ ବଳି ସୂକ୍ଷ୍ମ ଉପାୟ ଆଉ କିଛି ଅଛି କି ? ମନେ ହେଉଛି, ମାନ୍ୟବର ସୁପ୍ରିମ୍ କୋର୍ଟ ଏପର୍ଯ୍ୟନ୍ତ ନିର୍ବାଚନୀ ପ୍ରକ୍ରିୟାର ବିକୃତୀକରଣ ଓ ଦୁର୍ବୃତ୍ତାୟନର ମୂଳ ଉତ୍ସଟିକୁ ଚିହ୍ନଟ କରିବାରେ ସମର୍ଥ ହୋଇନାହାନ୍ତି । କିନ୍ତୁ ଆଜିକୁ ପ୍ରାୟ ୩୦ ବର୍ଷତଳେ ତାରକୁଣ୍ଡେ କମିଟି ତାହା ଦର୍ଶାଇ ପାରିଥିଲା । ତାରକୁଣ୍ଡେ କମିଟିର ବହୁ ସୁପାରିଶ୍ ମଧ୍ୟରୁ ମୁଖ୍ୟ ୨ଟି, ଯାହାର ଏବେକାର ପରିସ୍ଥିତିରେ ଗଭୀର ପ୍ରାସଙ୍ଗିକତା ରହିଛି, ତାହା ବର୍ତ୍ତମାନ ପ୍ରଣିଧାନଯୋଗ୍ୟ ।

### ରାଜନୈତିକ ଦଳମାନେ ହିଁ ପହିଲା ନମ୍ବର ଖଳନାୟକ

ତାରକୁଣ୍ଡେ କମିଟିଙ୍କ ମତରେ ରାଜନୈତିକ ଦଳମାନେ ବିଭିନ୍ନ ସୂତ୍ରରୁ ଆଦାୟ କରୁଥିବା ଚାନ୍ଦା ଓ ବିଭିନ୍ନ ବାଟରେ କରୁଥିବା ଖର୍ଚ୍ଚର ହିସାବ ରଖିବା ବା କାହାକୁ ଦେଖାଇବା ବା ତହିଁର ଯାଞ୍ଚ ପାଇଁ ଆଇନତଃ କୌଣସି ବ୍ୟବସ୍ଥା ନାହିଁ । ଲୋକ ପ୍ରତିନିଧି ଆଇନ୍ ୧୯୫୧ ଅନୁଯାୟୀ କେବଳ ପ୍ରାର୍ଥୀ ଓ ତାଙ୍କ ଏଜେଣ୍ଟ କରିଥିବା ଖର୍ଚ୍ଚକୁ ନିର୍ବାଚନ ଖର୍ଚ୍ଚ ବୋଲି ଧରା ଯାଇଥାଏ । ତେଣୁ ଦଳ ତରଫରୁ ପ୍ରାର୍ଥୀମାନଙ୍କ ପାଇଁ ଯେଉଁ ବିପୁଳ ଖର୍ଚ୍ଚ ହୋଇଥାଏ ଏବଂ ନିର୍ବାଚନ ଛଡା ଅନ୍ୟସମୟରେ ଦଳର ଯେତେସବୁ ଆର୍ଥିକ କାରବାର ହୋଇଥାଏ, ସେ ଅର୍ଥ କେଉଁଠୁ ଆସେ ଓ କୁଆଡେ ଯାଏ, ସେ ସମ୍ବନ୍ଧୀୟ ତଥ୍ୟ ସବୁଦିନ ପାଇଁ ଗୁପ୍ତ ରହିଯାଏ । ଏକଥା କହିବା ବାହୁଲ୍ୟ ଯେ, ଗୁପ୍ତଧନହିଁ କଳାଧନ । ଏହି କଳାଧନ ବଳରେ ରାଜନୈତିକ ଦଳମାନେ ନିର୍ବାଚନ ବୈତରଣୀ ପାର ହେବାପାଇଁ ଯେ କୌଣସି ଅପରାଧ ଓ ଅନୀତି କରିବସନ୍ତି । ଏହି କଳାଧନ ହିଁ କ୍ଷମତା ରାଜନୀତିରେ ଦଳବଦଳର ଘୋଡାବେପାରକୁ ଉତ୍ସାହିତ କରେ ଓ ଶହଶହ ସଂଖ୍ୟାରେ ଆୟାରାମ ଗୟାରାମ ମାନଙ୍କୁ ଜନ୍ମ ଦେଇଥାଏ । ଯେଉଁ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ନିଜର କଳାଧନକୁ ରାଜନୈତିକ ଦଳମାନଙ୍କୁ ଚାନ୍ଦା ଆକାରରେ ଦେଇଥାଆନ୍ତି, ସେମାନେ ନିର୍ବାଚନ ପରେ ଜିଣିଥିବା ନେତାଙ୍କ ଠାରୁ ସରକାରୀ ରାଜକୋଷରୁ ଆଖିବୁଜା ଅବାଧ ଲୁଟ୍ କରିବାପାଇଁ ଲାଇସେନ୍ସ

ପାଇଯାଆନ୍ତି । ଏହିପରି ନିର୍ବାଚନୀ ଆଇନ୍‌ର ଫାଙ୍କଦେଇ ରାଜନେତା ଓ କଳାଟଙ୍କାମାଲିକଙ୍କ ଭିତରେ ଏକ ଅଲିଖିତ ଭିତିରିଆ ଦୁଷ୍ଟଚକ୍ର ଗଢିଉଠେ, ଯାହାକି ସମଗ୍ର ରାଷ୍ଟ୍ରୀୟ ଜୀବନକୁ ଦୁର୍ବୃତ୍ତମାନଙ୍କ କବଳକୁ ଠେଲିଥାଏ । ତାରକୁଣ୍ଡେ କମିଟି କହିଥଲେ, ପ୍ରତି ରାଜନୈତିକ ଦଳ ଅନ୍ୟସବୁ ସଂସ୍ଥା ଭଳି ଆୟବ୍ୟୟର ନିୟମିତ ହିସାବ ରଖିବେ, ଯାହାକି ବର୍ଷକୁ ବର୍ଷ ଅଡିଟ୍ ହେବ ଏବଂ ସର୍ବସାଧାରଣଙ୍କ ଅବଗତି ପାଇଁ ମୁକ୍ତ ରହିବ । ରାଜନୈତିକ ଦଳମାନଙ୍କ ଆର୍ଥିକ କାରବାରରେ ସ୍ୱଚ୍ଛତା ଆସିପାରିଲେ, ରାଜନୀତିରେ ଦେଖାଦେଇଥିବା ଅପରାଧୀକରଣର ମାତ୍ରା ଆସ୍ତେଆସ୍ତେ ହ୍ରାସ ଘଟିବ । ସମ୍ବିଧାନ କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନ୍ ( National Commission to Review the Working of the Constitution- 2002) ମଧ୍ୟ ତାରକୁଣ୍ଡେ କମିଟିଙ୍କ ଏତାଦୃଶ ସୁପାରିଶ୍‌କୁ ତର୍ଜମା କରି ସୁପାରିଶ୍ କରିଛନ୍ତି ।

**ସଂଖ୍ୟାଗରିଷ୍ଠଙ୍କ ଉପରେ ସଂଖ୍ୟାନ୍ୟୁନଙ୍କ ଶାସନ**

ତାରକୁଣ୍ଡେ କମିଟି ଦର୍ଶାଇଥିଲେ ଯେ, ୱେଷ୍ଟମିନିଷ୍ଟରୀୟ ଏଫ୍.ପି.ଟି.ପି. ( First Past The Post) ପ୍ରଣାଳୀର ଅନ୍ଧ ଅନୁକରଣରେ ଆମର ଯେଉଁ ନିର୍ବାଚନ ହେଉଛି, ତଦ୍ୱାରା ସମୁଦାୟ ଭୋଟର୍ ସଂଖ୍ୟାର ଏକ କ୍ଷୁଦ୍ରାଂଶଙ୍କ ଭୋଟ୍ ପାଇ ଜଣେ ପ୍ରାର୍ଥୀ ବିଜୟୀ ଘୋଷିତ ହେଉଛି ଏବଂ ସେ ସମସ୍ତଙ୍କର ପ୍ରତିନିଧି ବୋଲି ଗଣାଯାଉଛି । ଉଦାହରଣ ସ୍ୱରୂପ, ଗୋଟିଏ ନିର୍ବାଚନ ମଣ୍ଡଳୀରେ ମୋଟ୍ ୧୦୦ ଜଣ ଭୋଟର ତାଲିକାଭୁକ୍ତ ହୋଇଛନ୍ତି । ଆଇନ୍ ଅନୁଯାୟୀ, ଯଦି ସେମାନଙ୍କ ଭିତରୁ ଅନ୍ୟୁନ ମାତ୍ର ୧୦ ଜଣ ଭୋଟ୍ ଦିଅନ୍ତି, ତେବେ ସେହି ନିର୍ବାଚନକୁ ଆଇନ୍‌ସିଦ୍ଧ ବୋଲି ବିଚାର କରାଯିବ । ଯଦି ସେଠି ୪ ଜଣ ପ୍ରାର୍ଥୀ ( କ, ଖ, ଗ, ଘ) ଥାଆନ୍ତି, ଏବଂ ୧୦ ଟି ଭୋଟ୍ ଭିତରୁ ଯଥାକ୍ରମେ ୪, ୩, ୨ ଓ ୧ ଲେଖାଁ ଭୋଟ୍ ପାଇଥାନ୍ତି, ତେବେ ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ତଥାକଥିତ ଅର୍ଥରେ ସଂଖ୍ୟାଧିକ ୪ଟି ଭୋଟ୍ ପାଇଥିବା 'କ' ନାମକ ପ୍ରାର୍ଥୀ ବିଜୟୀ ବୋଲି ଘୋଷିତ ହେବେ । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ, ପ୍ରକୃତ ସଂଖ୍ୟାଗରିଷ୍ଠ ଗୋଷ୍ଠୀ- ୬ ଜଣ ବ୍ୟକ୍ତି ପ୍ରାର୍ଥୀ 'କ' ବିରୁଦ୍ଧରେ ଭୋଟ୍ ଦେଇଛନ୍ତି । ଭୋଟ୍ ଦେଇନଥିବା ୯୦ ଜଣଙ୍କୁ ମିଶାଇଲେ, ଆମେ ଦେଖିବା ଯେ, ୧୦୦ ଜଣଙ୍କ ଭିତରୁ ମୋଟ୍ ୯୬ ଜଣଙ୍କ ଅନିଚ୍ଛା ସତ୍ତ୍ୱେ ମାତ୍ର ୪ ଜଣଙ୍କ ଭୋଟ୍ ପାଇ ଜଣେ ପ୍ରାର୍ଥୀ ନିର୍ବାଚନ ମଣ୍ଡଳୀର ପ୍ରତିନିଧି ବନିପାରୁଛି । ଏହିପରି ସଂଖ୍ୟାନ୍ୟୁନଙ୍କ ଭୋଟ୍ ପାଇ ଯେଉଁମାନେ ପ୍ରତିନିଧି ସଭାକୁ ଯାଉଛନ୍ତି, ସେମାନେ ଯେଉଁ ଆଇନ୍ ବା କାର୍ଯ୍ୟକ୍ରମ ପ୍ରଣୟନ କରିବେ, ତାହା କେବେହେଲେ ଦେଶର ସଂଖ୍ୟାଗରିଷ୍ଠ ଜନତାଙ୍କ ସ୍ୱାର୍ଥକୁ ପ୍ରତିଫଳନ କରିବ ନାହିଁ । ସୁତରାଂ ସଂସଦୀୟ ଗଣତନ୍ତ୍ର ନାଁରେ ସଂଖ୍ୟାଧିକଙ୍କ ଉପରେ ସଂଖ୍ୟାନ୍ୟୁନଙ୍କ ଶାସନର ଏତାଦୃଶ ଉଦ୍ଭଟ ବିଦେଶାଗତ ନିର୍ବାଚନ ପ୍ରଣାଳୀ ଭାରତ ପାଇଁ ମୋଟେ ଉପଯୁକ୍ତ ନୁହେଁ ବୋଲି ଦର୍ଶାଇ, ଜାତୀୟ ବିତର୍କ ଜରିଆରେ ତଥା ସମସ୍ତଙ୍କ ସହମତି ଭିତ୍ତିରେ ପ୍ରକୃତ ଅର୍ଥରେ ଏକ ଅଧିକ ପ୍ରତିନିଧିତ୍ୱମୂଳକ ବିକଳ୍ପ ନିର୍ବାଚନ ବ୍ୟବସ୍ଥାକୁ ଆମେ ଆପଣେଇବା ଉଚିତ୍ ବୋଲି ତାରକୁଣ୍ଡେ କମିଟି ମତ ଦେଇଥିଲେ । ସମ୍ବିଧାନର କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନ୍ ମଧ୍ୟ ତାରକୁଣ୍ଡେ କମିଟିର ଏହି ସୁପାରିଶ୍‌କୁ ମାନ୍ୟତା ଦେଇଛନ୍ତି ।

**ସମସ୍ତେ କାନ୍ଦୁଛନ୍ତି, କିନ୍ତୁ କାହାରି ଆଖିରେ ଲୁହ ନାହିଁ**

ନିର୍ବାଚନ ପ୍ରକ୍ରିୟା ଅର୍ଥବଳ, ବାହୁବଳ ଓ ଅପରାଧୀଙ୍କ ବଳର ପ୍ରଭାବରୁ ମୁକ୍ତ ରହି ଜନମତକୁ ପ୍ରକୃତ ପକ୍ଷେ ପ୍ରତିଫଳନ କରୁବୋଲି ବାମ, ଦକ୍ଷିଣ ଓ କେନ୍ଦ୍ର ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ତଥା ଜନସଭାରେ ଗଳାଫଟେଇ ଚିତ୍କାର ଛାଡୁଥିଲା ବେଳେ ବାସ୍ତବ କ୍ଷେତ୍ରରେ ସେମାନେ ହିଁ ଏହାର ସବୁଠୁଁ ବଡ ଶତ୍ରୁ ସାଜିଛନ୍ତି । ସେମାନଙ୍କର ଏହି ଦୋମୁହାଁ ଚରିତ୍ର ନିକଟ ଅତୀତରେ ଖୋଲାଖୋଲି ଭାବେ ପଦାକୁ ଆସିଥିଲା, ଯେତେବେଳେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶନାମା ଭିତ୍ତିରେ ନିର୍ବାଚନ କମିଶନ୍ ମନୋନୟନପତ୍ର ସହ ପ୍ରାର୍ଥୀଙ୍କ ଇତିବୃତ୍ତି ଘୋଷଣା ହେବ ବୋଲି ନିୟମାବଳୀ ଜାରି କଲେ ଓ ସବୁଦଳ ମିଶି ଏହାର ଦୃଢ ବିରୋଧ କଲେ । ଏ ପ୍ରକାର ପରିସ୍ଥିତିରେ ଦେଶର ସଚେତନ ନାଗରିକ ଗୋଷ୍ଠୀ ହିଁ ଏକମାତ୍ର ଶକ୍ତି, ଯେ କି ବର୍ତ୍ତମାନର ନିର୍ବାଚନ ପ୍ରକ୍ରିୟା ଭିତରେ ଦଳପତିମାନଙ୍କୁ ପ୍ରତ୍ୟକ୍ଷରେ ଓ ଗଣମାଧ୍ୟମ ଜରିଆରେ ପ୍ରଶ୍ନ କରିପାରିବେ । ଏହାହିଁ ହେବ ଅନନ୍ୟ ମାନବାଧିକାର ଅଭିଯାତ୍ରୀ ଦିବଂଗତ ତାରକୁଣ୍ଡେଙ୍କ ପ୍ରତି ଦେଶବାସୀଙ୍କର ପ୍ରକୃତ ଶ୍ରଦ୍ଧାଞ୍ଜଳି ।

**Chitta Behera, 4A Jubilee Tower, Choudhury Bazar, Cuttack-9, PH- 0671-2623518, March 2004**